ଲିଟର ଔଷଧକୁ ୫୦୦ ଲିଟର ପାଣିରେ ଗୋଳାଇ ବିହନ ବୁଣିବାର ଦିନେ ବା ଦୁଇଦିନ ପରେ ଜମିରେ ବତର ଥାଇ ପ୍ରୟୋଗ କଲେ କମ୍ ଖର୍ଚ୍ଚରେ ବାଳୁଙ୍ଗା ଦମନ ହୋଇଥାଏ ।

### (୯) ଜଳସେଚନ :

ମାଟିର ବତର ଦେଖି ୧୫-୨୦ ଦିନ ଅନ୍ତରରେ ଜଳସେଚନ କରନ୍ତୁ । ଫୁଲ ଧରିବା, ମଂଜି ଧରିବା ଓ ପୂରଣ ହେବା ବେଳେ ନିହାତି ଦୁଇଟି ଜଳସେଚନ କରନ୍ତୁ । ଅଧିକ ଜଳସେଚନ କଲେ ଗଛ ହଳଦିଆ ପଡ଼ି ମରିଯାଏ ।

### (୧୦) ଅମଳ :

ବୁଟ ଫସଲ ପ୍ରାୟ ୧୦୦-୧୨୦ ଦିନ ମଧ୍ୟରେ ପାକଳ ହୋଇଯାଇଥାଏ । ପାଚିଯାଇଥିବା ଫସଲକୁ କାଟି ଖରାରେ ୫-୬ ଦିନ ଶୁଖାଇ ହଳ ବୁଲାଇ ବୁଟ ଆଦାୟ କରାଯାଏ । ଏକ ହେକ୍ଟର ଜମିରୁ ପ୍ରାୟ ୧୨-୨୦ କ୍ୱିଣ୍ଟାଲ ବୁଟ ଆଦାୟ ହୋଇଥାଏ । କାବୁଲି ବୁଟରୁ ୧୦-୧୫ କ୍ୱିଣ୍ଟାଲ ହେକ୍ଟର ପିଛା ଆଦାୟ ହୋଇଥାଏ ।

### (୧୧) ସାଇତା ପ୍ରଣାଳୀ :

ବୁଟ ମଂଜିକୁ ଶୁଖାଇ ଆର୍ଦ୍ରତା ଶତକଡ଼ା ୧୨ ଭାଗ ରହିଲେ ପଲିଥିନ ଅଖାରେ ସାଇତି ରଖିବା ଉଚିତ।।

### (୧୨) ନେଟ୍ ଆୟ :

ବୁଟ କ୍ୱିଣ୍ଟାଲ ଟ.୪,୫୦୦ଙ୍କା ଦରରେ ବିକିଲେ ଏକ ହେକ୍ଟର (୧୨ କ୍ୱିଣ୍ଟାଲ ହିସାବରେ ) ରୁ ଟ.୫୪,୦୦୦ଙ୍କା ମିଳିବ । ଚାଷବାସ ସମସ୍ତ ଖର୍ଚ୍ଚ ପ୍ରାୟ ଟ.୨୮୦୦୦ଙ୍କା ଯାଇ ହେକ୍ଟର ପ୍ରତି ୯୦-୧୦୦ ଦିନରେ ଟ.୨୪୦୦୦-୨୬୦୦୦ଙ୍କା ଲାଭ ମିଳିପାରିବ ।

### ଆବଶ୍ୟକ ସୂଚନା :

୧. ଉନ୍ନତ, ଅଧିକ ଅମଳକ୍ଷମ, ଋତୁନିର୍ଦ୍ଦିଷ୍ଟ, ନିରୋଳା ଓ ରୋଗ ପୋକ ସହଣୀ ବିହନର ବ୍ୟବହାର ।
୨. ପ୍ରତି ୩ ବର୍ଷରେ ନୂତନ ବିହନ ବ୍ୟବହାର ।
୩. ବିହନ ବିଶୋଧନ ଓ ଉପଚାର ।
୪. ଅମ୍ଳ ମାଟିରେ ଚୂନ ବ୍ୟବହାର ।
୫. ଧାଡ଼ି ବୁଣା ଓ ୨-୩ ସପ୍ତାହ ମଧ୍ୟରେ ଘାସ ବଛା ।
୬. ଅନୁମୋଦିତ ଫସ୍‌ଫେଟ୍ ସାର୍ ବ୍ୟବହାର ।
୭. ଦରକାର ବେଳେ ଜଳସେଚନ (ଫୁଲ ଧରିବା ସମୟରେ ଏବଂ ଫଳ ବୃଦ୍ଧି ସମୟରେ) ଏବଂ ଶତକଡ଼ା ୨ ଭାଗ ଡ଼ି.ଏ.ପି. ସାର ସିଞ୍ଚନ ।
୮. ଠିକ୍ ସମୟରେ ପୋକ ରୋଗ ଦମନ ।

# ବୈଜ୍ଞାନିକ ପଦ୍ଧତିରେ ବୁଟ ଚାଷ





ଓଡ଼ିଶା ଡ଼ାଲିଜାତୀୟ ଫସଲ ଯୋଜନା
କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା,
ଏବଂ
ଅନ୍ତଃରାଷ୍ଟ୍ରୀୟ ଶୁଷ୍କାଞ୍ଚଳ କୃଷି ଗବେଷଣା ସଂସ୍ଥାନ, ନୂଆଦିଲ୍ଲୀ

International Center for Agricultural Research in the Dry Areas (ICARDA)
South Asia & China Regional Program (SACRP)
NASC Complex, Pusa Campus, DPS Marg, New Delhi-110012
Phone : +91(11)25847505; Fax : +91(11)25847503

# ବୁଟ

## ଉପକ୍ରମ :

ଡ଼ାଲିଜାତୀୟ ଫସଲ ମଧ୍ୟରୁ ବୁଟର ବିସ୍ତୃତି ଓଡ଼ିଶାରେ ମୋଟ ୦.୪୭ ଲକ୍ଷ ହେକ୍ଟର ଓ ମୋଟ ଉତ୍ପାଦନ ୦.୩୬ ଲକ୍ଷ ଟନ୍ ଅଟେ । ଏହା ରବି ଫସଲ ଭାବେ ରାଜ୍ୟରେ ଶୀତ ଋତୁରେ ଚାଷ କରାଯାଏ ।

## (୧) ମୃତ୍ତିକା ଓ ଜଳବାୟୁ :

ମଝାଳିଆ ଓ ଖାଲଜମି, ମଟାଳ କିମ୍ବା ଦୋରସା ମାଟିରେ ବୁଟ ଭଲ ହୁଏ । ମୃତ୍ତିକାରେ କାଦୁଅ ଅଂଶ ଅଧିକ ଥିଲେ ଜଳଧାରଣ ଶକ୍ତି ଅଧିକ ରହେ ଓ ଗଛ ଭଲ ବଢ଼େ । ବୁଟ ଫସଲର ଉତ୍ତମ ବୃଦ୍ଧି, ଫୁଲ ଓ ଫଳର ପୂର୍ଣ୍ଣ ବିକାଶ ଶୀତ ଅର୍ଥାତ୍ ବାୟୁମଣ୍ଡଳର ଥଣ୍ଡା ଓ ଅନେକ ଦିନ ଧରି ଶୀତ ଅନୁଭୂତ ହେବା ଉପରେ ନିର୍ଭର କରେ ।

## (୨) ଜମି ପ୍ରସ୍ତୁତି :

ଖରିଫ ଧାନ ଅମଳ ହୋଇସାରିବା ପରେ ଲୁହା ଲଙ୍ଗଳରେ ଦୁଇ ଓଡ଼ ଚାଷ କରି ମାଟିକୁ ଗୁଣ୍ଡ କରି ଦିଅନ୍ତୁ । ହେକ୍ଟରକୁ ୧ ଟନ ସଢ଼ା ଗୋବର ଖତ ଶେଷ ଓଡ଼ ଚାଷ ସମୟରେ ମାଟିରେ ମିଶାଇ ଦିଅନ୍ତୁ । ମାଟି ଅମ୍ଳୀୟ ଥିଲେ ଅର୍ଥାତ୍ ପି.ଏଚ. (pH) ୬ରୁ କମ୍ ଥିଲେ ହେକ୍ଟର ପ୍ରତି ୨୦୦ କିଲୋଗାମ୍ ଗୁଣ୍ଡ ଚୂନ କିମ୍ବା କାଗଜ କଳ ମଇଳାକୁ ସମ ପରିମାଣର ଶୁଖିଲା, ସଢ଼ା ଓ ଗୁଣ୍ଡ ଗୋବର ଖତ ସହ ମିଶାଇ ବୁଣିବା ପୂର୍ବରୁ ସିଆରରେ ପ୍ରୟୋଗ କରନ୍ତୁ ।

## (୩) ବିହନ ପରିମାଣ :

ଏକ ହେକ୍ଟରକୁ ୫୦ କିଲୋଗ୍ରାମ ବିହନ ଦରକାର ।

## (୪) ବୁଣିବା ସମୟ :

ଉପକୂଳବର୍ତ୍ତୀ ଜିଲ୍ଲା ଗୁଡ଼ିକରେ ନଭେମ୍ବର ୧୫ ତାରିଖ ସୁଦ୍ଧା ଏବଂ ଆଭ୍ୟନ୍ତରୀଣ ଜିଲ୍ଲାଗୁଡ଼ିକରେ ଅକ୍ଟୋବର ଶେଷ ସୁଦ୍ଧା ବୁଣା କଲେ ଅଧିକ ଅମଳ ମିଳିବ ।

## (୫) ବିହନ ବିଶୋଧନ ଓ ବୀଜାଣୁ କଲ୍‌ଚର୍ ପ୍ରୟୋଗ :

ପ୍ରତି ୧କିଲୋଗ୍ରାମ୍ ବିହନକୁ ୩ ଗ୍ରାମ ଥିରାମ୍ ଗୁଣ୍ଡ କିମ୍ବା କାର୍ବାଣ୍ଡିଜିମ୍ ୨ ଗ୍ରାମ୍ ଗୋଳାଇ ବିଶୋଧନ କରନ୍ତୁ । ରାଇଜୋବିୟମ୍ ବୀଜାଣୁ କଲ୍‌ଚର ପ୍ରୟୋଗ କଲେ ଚେରରେ ଅଧିକ ଭାତୁଡ଼ି ବା ଗଣ୍ଠି ସୃଷ୍ଟି ହୁଏ ।
ସେହିପରି ପି.ଏସ.ବି. (ଫସ୍‌ଫେଟ୍ ସଲ୍ୟୁବୁଲାଇଜିଂ ବ୍ୟାକ୍ଟେରିଆ) କଲ୍‌ଚର୍ ପ୍ରୟୋଗ କଲେ ମୃତ୍ତିକାରେ ଥିବା ଫସ୍‌ଫରସ୍‌କୁ ସହଜ ଲଭ୍ୟ କରି ଗଛର ଗ୍ରହଣୀୟତା ବୃଦ୍ଧି ପାଏ । ଦଶ କିଲୋଗ୍ରାମ୍ ମଞ୍ଜି ପ୍ରତି ୨୦୦-୨୫୦ ଗ୍ରାମ୍ ରାଇଜୋବିୟୋମ ବୀଜାଣୁ କଲ୍‌ଚର୍ ଏବଂ ୨୦୦-୨୫୦ ଗ୍ରାମ୍ ପି.ଏସ.ବି. ବୀଜାଣୁ କଲଚର୍, ୪ ଗ୍ରାମ୍ ସୋଡ଼ିୟମ ମଲିବଡ଼େଟକୁ ୮୦୦-୧୦୦୦ ମିଲିଲିଟର ପାଣିରେ ଗୋଳାଇ ମଣ୍ଡ କରି ମଣ୍ଡକୁ ମଞ୍ଜି ସହିତ ଗୋଳାଇ ଦିଅନ୍ତୁ । ଏହାକୁ ଅଧ ଘଣ୍ଟା ଛାଇରେ ଶୁଖାଇ ବୁଣାକାମ ସାରନ୍ତୁ । ବୀଜାଣୁ କଲ୍‌ଚର ପ୍ରୟୋଗ କରିବାର ୭ ଦିନ ପୂର୍ବରୁ ବିହନ ବିଶୋଧନ କରନ୍ତୁ । ବୀଜାଣୁ କଲ୍‌ଚର ପ୍ରୟୋଗ ଦ୍ୱାରା ଫସଲକୁ ହେକ୍ଟର ପ୍ରତି ୨୫ କିଲୋଗ୍ରାମ୍ ଯବକ୍ଷାରଜାନ ଓ ୩୦ କିଲୋଗ୍ରାମ୍ ଫସ୍‌ଫରସ୍ ଉପଲବ୍ଧ ହୁଏ ।

## (୬) ବୁଣିବା ପ୍ରଣାଳୀ :

ଜମିରୁ ବତର ଛାଡ଼ିବା ପୂର୍ବରୁ ବୁଣା କାମ ସାରନ୍ତୁ । ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୧୦ ସେ.ମି. ବ୍ୟବଧାନରେ ବୁଣନ୍ତୁ ।

## (୭) ରାସାୟନିକ ସାର ପ୍ରୟୋଗ :

ବୁଣିବା ପୂର୍ବରୁ ମୂଳସାର ଭାବରେ ହେକ୍ଟର ପିଛା ୨୦ କିଲୋଗ୍ରାମ୍ ଯବକ୍ଷାରଜାନ (୪୩ କିଲୋଗ୍ରାମ୍ ୟୁରିଆ) , ୪୦ କିଲୋଗ୍ରାମ୍ ଫସଫରସ (୨୫୦ କିଲୋଗ୍ରାମ୍ ସିଙ୍ଗଲ ସୁପର ଫସ୍‌ଫେଟ୍) ଓ ୨୦ କିଲୋଗ୍ରାମ୍ ପଟାସ୍ (୩୩ କିଲୋଗ୍ରାମ୍ ମ୍ୟୁରେଟ୍ ଅଫ୍ ପଟାସ୍) ସାରକୁ ସିଆରରେ ପ୍ରୟୋଗ କରି ମାଟିରେ ମିଶାଇ ମଞ୍ଜି ବୁଣନ୍ତୁ । ସିଙ୍ଗଲ ସୁପର ଫସ୍‌ଫେଟ୍ ଅଭାବରେ ୧୦୦ କିଲୋଗ୍ରାମ୍ ଡ଼ି.ଏ.ପି.ସାର ପ୍ରୟୋଗ କରନ୍ତୁ ।

**ଓଡ଼ିଶା ଡ଼ାଲିଜାତୀୟ ଫସଲ ଯୋଜନା ଅନ୍ତର୍ଭୂକ୍ତ ପରୀକ୍ଷାମୂଳକ ଉନ୍ନତ ବୁଟ କିସମ**

| କିସମ | ଅବଧି(ଦିନ) | ଉଦ୍‌ଭବ ରାଜ୍ୟ | ଅମଳ (କୁଇଣ୍ଟାଲ) | ବିଶେଷ ଗୁଣାବଳୀ |
|---|---|---|---|---|
| ସି.ଏସ୍.ଜେ.କେ-୬ | ୧୩୦-୧୩୫ | ରାଜସ୍ଥାନ | ୧୫-୨୦ | ଝାଉଁଳା ରୋଗ ନିରୋଧକ । |
| ଆର୍.ଏସ୍.ଜି.କେ-୬ | ୧୩୦-୧୩୫ | ରାଜସ୍ଥାନ | ୧୫-୨୦ | ଝାଉଁଳା ରୋଗ ନିରୋଧକ । |

## (୮) ଅନ୍ତଚାଷ :

ଫସଲକୁ ତିନିସପ୍ତାହ ହେଲେ କୋଡ଼ାଖୋସା କରି ଘାସ ବାଛି ଦିଅନ୍ତୁ । ଫୁଲ ଓ ଫଳ ଧରିବା ସମୟରେ ୟୁରିଆ କିମ୍ବା ଡ଼ି.ଏ.ପି. ୧.୫-୨ ପ୍ରତିଶତ (୨୫୦ ଗ୍ରାମ୍ ଡ଼ି.ଏ.ପି. ୧୫ ଲି. ପାଣିରେ ମିଶାଇ) ପତ୍ର ସିଞ୍ଚନ କରନ୍ତୁ । ରାସାୟନିକ ତୃଣନାଶକ ଔଷଧ ପେଣ୍ଡିମିଥାଲିନ୍ (ପ୍ରାକ୍-ଉତ୍‌ଥାନ ତୃଣକ ବିଷ) ହେକ୍ଟର ପିଛା ୦.୭୫ କି.ଗ୍ରା. ମୁଖ୍ୟ ଉପାଦାନ କିମ୍ବା ୨.୫